# ବିହାର ଉତ୍ସବରେ ନୃତ୍ୟାଭିନୟ



ଆନନ୍ଦପୁର,୨୩।୩(ସମିସ): ଶାଳପଡ଼ା ବୀଣାପାଣି କଳାନିକେତନର ନୃତ୍ୟ ଶିଳ୍ପୀମାନେ ରାଜ୍ୟପାଳଙ୍କ ଲୋକ ଭବନରେ ଆୟୋଜିତ ବିହାର ଉତ୍ସବରେ ପଲ୍ଲୀ ନୃତ୍ୟ "କୁଆଁର ପୁନେଇଁ ଜହ୍ନ'କୁ ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ପରିବେଷଣ କରିଥିଲେ। ନୃତ୍ୟ ଶିଳ୍ପୀ ମୋନିକା ଦାଶ, ପ୍ରତୀକ୍ଷା ଦାଶ, ଦେବାହୁତି ପଟ୍ଟନାୟକ, ଅରଶ୍ମିତା ତ୍ରିପାଠୀ, ଶ୍ରାବଣୀ ପାଢ଼ୀ, ଅନ୍ୱେଷା ସାହୁ, ଆରାଧ୍ୟା ସାହୁ, ସାଇସମ୍ପନ୍ନ ଚକ୍ର, ସାୟନି ନାୟକ, ପ୍ରିୟଙ୍କା ସ୍ୱାଇଁ, ପରିଣତି ଚକ୍ର ଉପସ୍ଥାପନା କରି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହିତ ବିହାରର ଆଗନ୍ତୁକ ଅତିଥିମାନେ ନୃତ୍ୟ କୁ ଦେଖି ବିଭୋର ହୋଇଥିଲେ। ଶେଷରେ ନୃତ୍ୟ ଗୁରୁ ନୃତ୍ୟ ଶିଳ୍ପୀ ରାଜ୍ୟପାଳଙ୍କ ଠାରୁ ଆଶୀର୍ବାଦ ଲାଭ କରି ସମ୍ବର୍ଦ୍ଧିତ ହୋଇଥିଲେ।

● ଟାଟା ଷ୍ଟିଲ୍ ମିଡିଆ ମୈତ୍ରୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପ୍ରଶାସନକୁ ହରାଇ ଟାଟା ଷ୍ଟିଲ ଚାମ୍ପିଅନ

ଯୋଡ଼ା,୨୩।୩(ସମିସ): ଟାଟା ଷ୍ଟିଲ୍ ଯୋଡା ଆନୁକୂଲ୍ୟରେ ଏକ-ଦିବସୀୟ ମିଡିଆ ମୈତ୍ରୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନୀୟ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ରବିବାର ଆୟୋଜିତ ହୋଇଯାଇଛି। ବଡ଼ବିଲ, କେନ୍ଦୁଝର, କୋଇଡ଼ା, ଯୋଡ଼ା, ଚମ୍ପୁଆର କାର୍ଯ୍ୟରତ ସାମ୍ବାଦିକ, ଟାଟା ଷ୍ଟିଲ ଏବଂ ସ୍ଥାନୀୟ ପ୍ରଶାସନ ର ଦଳ ଙ୍କୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ରେ ଫାଇନାଲ ମ୍ୟାଚରେ ପ୍ରଶାସନ ଏକାଦଶକୁ ହରାଇ ଟାଟା ଷ୍ଟିଲ ଏକାଦଶ ଚାମ୍ପିଅନ୍ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲ (ଓଏମ୍ କ୍ୟୁ) ର ମହାପ୍ରବନ୍ଧକ ଦେବାଶିଷ ଜେନା ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ ଯୋଡା ଚିଫ୍ ରାଜେଶ କୁମାର, ଖଣ୍ଡବନ୍ଧ ଖଣି ଚିଫ୍ ଜି ଭି ସତ୍ୟନାରାୟଣ, କଳମଙ୍ଗ ଓ ଗନ୍ଧଲପଦା ପ୍ରକଳ୍ପ ଚିଫ୍ ଦୀପକ ବେହେରା, ମାଙ୍ଗାନିଜ୍ ଖଣି ଚିଫ୍ ଶମ୍ଭୁନାଥ ଝା, ସ୍ଲରି ପାଇପଲାଇନ ଚିଫ୍ ପ୍ରବୀଣ ଶ୍ରୀବାସ୍ତବ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏହି ଟୁର୍ଣ୍ଣାମେଣ୍ଟର ଚିତ୍ତାକର୍ଷକ ଏବଂ ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପ୍ରଶାସନ ଏକାଦଶ ୭୯ ରନର ଟାର୍ଗେଟ ଦେଇଥିଲା ଓ ଏହା କୁ ପିଛା କରି ଟାଟା ଷ୍ଟିଲ ଏକାଦଶ ଦୁଇଟି ବଲ ବାକି ଥାଇ ବିଜୟ ସ୍କୋର ହାସଲ କରିଥିଲା। ଫାଇନାଲ୍ ମ୍ୟାଚ୍ ରେ ଚମତ୍କାର ଖେଳ ପ୍ରଦର୍ଶନ କରିଥିବା ଯୋଗୁଁ ଟାଟା ଷ୍ଟିଲ ଏକାଦଶର ଅଂଶୁମାନ ରାୟଙ୍କୁ ମ୍ୟାନ୍ ଅଫ ଦି ସିରିଜ୍ ଭାବେ ପୁରସ୍କୃତ କରଯାଇଥିଲା।

# ଘୂର୍ଣ୍ଣିଝଡ଼ ପ୍ରଭାବିତ ପରିବାରଙ୍କୁ ସହାୟତା

ଠାକୁରମୁଣ୍ଡା,୨୩।୩(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଅନ୍ତର୍ଗତ ତାଟୋ ଅଞ୍ଚଳରେ ଗତ ୧୫ ତାରିଖ ସନ୍ଧ୍ୟାରେ ହୋଇଥିବା ପ୍ରାକୃତିକ ଘୂର୍ଣ୍ଣିଝଡର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହି ଘୂର୍ଣ୍ଣିଝଡରେ ବହୁ ଲୋକଙ୍କ ଘର ନଷ୍ଟ ହୋଇଥିଲା। ଏହାର ଖବର ପାଇବା ପରେ



ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ବହୁଭାଷୀ ଶିକ୍ଷକ ସଂଘ ବାଟପଳସା ପଞ୍ଚାୟତର ମେଣ୍ଢାଶିଙ୍ଗି ଗ୍ରାମର ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ କରିବାକୁ ପହଞ୍ଚିଥିଲେ। ସଂଘ ସଭାପତି ରବିନ୍ଦ୍ର ସୋରେନ ଓ ସମ୍ପାଦକ ଦୁବରାଜ ହେମ୍ବ୍ରମ ତତ୍ତ୍ୱାବଧାନରେ ଗ୍ରାମର ପ୍ରଭାବିତ ୩୬ଟି ପରିବାରର ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଖାତା, କଲମ, ପେନସିଲ ଇତ୍ୟାଦି ବାଣ୍ଟିବା ସହ ପ୍ରତ୍ୟେକ ପରିବାରକୁ ଗୋଟିଏ ଗୋଟିଏ ଶାଢ଼ୀ ଓ ଧୋତି, ଚୁଡା, ଚିନି, କଦଳୀ ଆଦି ବାଣ୍ଟିଥିଲେ। ସଂଘର କୋଷାଧ୍ୟକ୍ଷ କରୁଣାକର ହେମ୍ବ୍ରମ ତାଙ୍କ ସହଯୋଗୀ ସୁଦର୍ଶନ ମାରାଣ୍ଡିଙ୍କ ସହ ମୟୂରଭଞ୍ଜରୁ ଦଶରଥ ଟୁଡୁ, ସୁମତି ହନାଗା, ଝାନମୁନୀ ମାରାଣ୍ଡି, ଲକ୍ଷ୍ମଣ ମାଝୀ ଓ କେନ୍ଦୁଝରରୁ କାଲେ ମାରାଣ୍ଡି, ଲକ୍ଷ୍ମଣ ସୋରେନଙ୍କ ସହ ସମସ୍ତ ବ୍ଲକର ସକ୍ରିୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଗ୍ରାମର ମୁଖିଆ ରୂପାଇ ମାଝୀ ଓ ଅଙ୍ଗନବାଡି କର୍ମୀ ବାସନ୍ତୀ ମାରାଣ୍ଡି ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ସଂଘର ଦୀର୍ଘାୟୁ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

● ବେଆଇନ୍ ମାଟି ଓ ମୋରମ ଚାଲାଣ ଉପରେ ଚଢ଼ଉ

# ୩ ଡମ୍ଫର ସହ ଜେସିବି ଜବତ





ରାସଗୋବିନ୍ଦପୁର,୨୩।୩(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଝାଟିଅଡା ପଞ୍ଚାୟତରେ ବେଆଇନ୍ ମାଟି ଓ ମୋରମ ଚାଲାଣ ଉପରେ ଚଢ଼ଉ କରାଯାଇ ୩ଟି ଡମ୍ଫର ସହ ଜେସିବି ମେସିନ୍ ଜବତ କରାଯାଇଛି। ହରିଣାଶୋଳ ଅଞ୍ଚଳରେ ବେଆଇନ୍ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ଓ ପରିବହନ ନେଇ ଗୁରୁତର ଅଭିଯୋଗ ହୋଇଥିଲା। ରାସଗୋବିନ୍ଦପୁର ଥାନା ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀ, ଏଏସଆଇ ନିଶିକାନ୍ତ ସାମଲଙ୍କ ନେତୃତ୍ୱରେ ଅଚାନକ ଚଢଉ କରାଯାଇଥିଲା। ଚଢ଼ଉ ସମୟରେ ଚୋରା ବେପାରୀ ବେଧଡକ ଭାବେ ସରକାରୀ ଜମିରୁ ମାଟି ଓ ମୋରମ ଚୋରି କରୁଥିବାବେଳେ ଧରାପଡ଼ିଥିଲେ। ପୁଲିସ ଦ୍ୱାରା ଘଟଣାସ୍ଥଳରୁ ୩ଟି ଡମ୍ଫର ଓ ଗୋଟିଏ ଜେସିବି ମେସିନ୍ ଜବତ କରାଯାଇଛି। ପୁଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ଏଥିରେ ଜଡିତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ।

ଜିଲ୍ଲା ଠିକାଦାରଙ୍କୁ ଉପେକ୍ଷା

# ଭଞ୍ଜସେନା ପକ୍ଷରୁ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବାରିପଦା, ୨୩।୩(ସମିସ):

ବାରିପଦା ପୌରପାଳିକା ପକ୍ଷରୁ ଜିଲ୍ଲାର ଠିକାଦାରଙ୍କୁ ଉପେକ୍ଷା କରାଯାଇ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାମ ବାହାର ଠିକା ସଂସ୍ଥାକୁ ପ୍ରଦାନ ପ୍ରତିବାଦ କରି ସୋମବାର

## ବିନା ଟେଣ୍ଡରରେ ବାହାର ସଂସ୍ଥାକୁ କାମ ଅଭିଯୋଗ



ଭଞ୍ଜସେନା ପକ୍ଷରୁ ସ୍ଥାନୀୟ ବାରିପଦା ପୌରପାଳିକା ସମ୍ମୁଖରେ ବିକ୍ଷୋଭ କରାଯାଇଛି। ତତ୍‌ସହିତ ଭଞ୍ଜସେନା ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରି ତା'ର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ବିଭାଗୀୟ ମୁଖ୍ୟ ସଚିବ, ରାଜ୍ୟ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ, ଓଡ଼ିଶା ଭିଜିଲାନ୍ସ ବିଭାଗ, ବାରିପଦା ପୌରପାଳିକା ଅଧ୍ୟକ୍ଷ, ନିର୍ବାହୀ ଅଧିକାରୀ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି।

ପୂର୍ବରୁ ଭଞ୍ଜସେନା ଦାବିପତ୍ର ଜରିଆରେ ପରବର୍ତ୍ତୀ ପଦକ୍ଷେପ ନିଆ ନ ଗଲେ ସାତଦିନ ଭିତରେ ଉପରୋକ୍ତ ଆନ୍ଦୋଳନ ଘୋଷଣା ହୋଇଥିଲା। ସେ ପରିପ୍ରେକ୍ଷୀରେ ଭଞ୍ଜସେନା ବାରିପଦା ସହର ଶାଖା ପକ୍ଷରୁ ଉପରୋକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଭଳି ଦୁର୍ନୀତି ଓ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ସ୍ଲୋଗାନ ଦିଆଯାଇଥିଲା । ଆଗାମୀ ଦିନରେ ଯଦି ଏହି ଧାରା ବଜାୟ ରହେ, ତେବେ ସମଗ୍ର ବାରିପଦା ମ୍ୟୁନିସିପାଲଟିକୁ ଅଚଳ କରାଯିବା ସହିତ ଦୁର୍ନୀତି କାର୍ଯ୍ୟ ଓ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ନିଆଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ବାରିପଦା ସହରର ବହୁ ପୁରାତନ ଝିଞ୍ଚିରୀବନ୍ଧ ସହିତ ତା' ସନ୍ନିକଟ ଜୁବୁଲି ପାର୍କକୁ ମିଶାଇ ଏକ ପ୍ରକଳ୍ପ ଓ ଷ୍ଟେସନ ହାଟ ପ୍ରକଳ୍ପ କାର୍ଯ୍ୟକୁ ମିଶାଇ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାମ ବିନା ଟେଣ୍ଡରରେ ଜିଲ୍ଲା ଠିକାଦାରଙ୍କୁ ଉପେକ୍ଷା କରି ରାଜ୍ୟ ବାହାର କୌଣସି ଏକ ସମବାୟ ସଂସ୍ଥାକୁ ଦେଇଛନ୍ତି ବୋଲି ଖବର ପାଇ ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ବରିଷ୍ଠ ସଦସ୍ୟ ସିଙ୍ଗରାୟ ହେମ୍ବ୍ରମ, ଅମିତ କୁମାର, ସଞ୍ଜୟ ମହାର୍ଣ୍ଣା, ସଞ୍ଜୟ ମହାନ୍ତ, ଏମଡି ରାଜା, ଦୀପକ କୁମାର ବେହେରା, ଜିତୁ ସିଂ, ଏମ୍‌ଡି ଇସଲାମ, ସୁନୀଲ ମହାପାତ୍ର, ଗୌରାଙ୍ଗ ଚକ୍ରବର୍ତ୍ତୀ, ପ୍ରଦୀପ ପଣ୍ଡା ପ୍ରମୁଖଙ୍କ ସହିତ ୫୦୦ରୁ ଅଧିକ ଯୁବ ଛାତ୍ର ସଂଗଠକ ଉପସ୍ଥିତ ଥିଲେ ବୋଲି ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ରାଜ୍ୟ ବାହାର ସମବାୟ ସଂସ୍ଥାକୁ ବିନା ଟେଣ୍ଡରରେ ଦିଆଯାଇଥିବା କାର୍ଯ୍ୟାଦେଶକୁ ତୁରନ୍ତ ବାତିଲ କରାଯାଇ ଏହାର ପୁନଃ ଟେଣ୍ଡର କରାଯାଇ ମୟୂରଭଞ୍ଜ ଜିଲ୍ଲା ଭିତର ଠିକାଦାରଙ୍କୁ ଭାଗ ନେବାର ସୁଯୋଗ ପ୍ରଦାନ ପାଇଁ ଦାବି କରାଯାଇଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୨୦୨ ଚିହ୍ନଟ



ଚମ୍ପୁଆ,୨୩।୩(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସାମାଜିକ, ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଜିଲ୍ଲା ଓ ବ୍ଲକ୍ ପ୍ରଶାସନର ମିଳିତ ସହଯୋଗରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସ୍ମୃତି ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ରମଣୀ ନାଏକ, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେହେରା, ଏବିଡିଓ ଚୁନୁ ହାଁସଦା ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ସମସ୍ତ ୨୨ ଗୋଟି ପଞ୍ଚାୟତର କୋଣ ଅନୁକୋଣରୁ ଆସିଥିବା ଭିନ୍ନକ୍ଷମଙ୍କୁ ଚିହ୍ନଟ, ସେମାନଙ୍କୁ ବସ ପାସ୍, ବିଭିନ୍ନ ଉପକରଣ ବଣ୍ଟନ, ଚିକିତ୍ସା, ଋଣ ପ୍ରଦାନ ସମ୍ବନ୍ଧୀୟ ସୁବିଧା ସୁଯୋଗ ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ଶିବିରରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଅସ୍ଥିଶଲ୍ୟ ସହ ଅନ୍ୟ ବିଭାଗରେ ଚିକିତ୍ସା, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ଘର ଓ ଭତ୍ତା, ଋଣ ଆଦି ପାଇଁ ପଞ୍ଜୀକରଣ କରାଯାଇ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ୨୦୨ ଜଣ ଆବେଦନକାରୀଙ୍କ ପରୀକ୍ଷା କରାଯାଇଥିବା ବେଳେ ୩ ଜଣଙ୍କୁ ଡିଆର୍‌ଆଇ ଲୋନ୍, ୩୦ ଜଣଙ୍କୁ ବସ ପାସ୍ ଦିଆଯାଇଥିଲା। ଏହା ବ୍ୟତୀତ ୬୫ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ପରବର୍ତ୍ତୀ ସମୟରେ ବିଭିନ୍ନ ଆବଶ୍ୟକ ଉପକରଣ ପ୍ରଦାନ କରାଯିବ ବୋଲି ବିଡିଓ ଶ୍ରୀ ସାହୁ ପ୍ରକାଶ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସବ୍ୟସାଚୀ ନାଏକ, ବିତ୍ତ ଅଧିକାରୀ ସୁକାନ୍ତ ଦେହୁରୀ, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରାବଣୀ ଜେନା, କନିଷ୍ଠ ସହାୟକ ଶିବାନୀ ମାରାଣ୍ଡି, କାର୍ଯ୍ୟକ୍ରମ ସହାୟକ ଦୀପଙ୍କର ଦାସ, ଏବଂ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଝୁମ୍ପୁରାରେ ଯୁଗ୍ମ ଅଭିଯୋଗ ଶୁଣାଣି

ବାଲିବନ୍ଧ,୨୩।୩ (ସମିସ): ସୋମବାର ଝୁମ୍ପୁରା ବ୍ଲକ ପରିସରରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ କୁଶଲ କର ନିତିନ ତାଗୁଡ, ଜିଲ୍ଲା ବନଖଣ୍ଡ ଅଧିକାରୀ ଏର୍‌ଡି ଧନରାଜ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିନୋଦ ବିହାରୀ ମିଶ୍ର, ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡା, ବିଡିଓ ହୃଦାନନ୍ଦ ଅଢ଼ା, ତହସିଲଦାର ରୋହିତ ବାଗ ପ୍ରମୁଖ ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହିଥିଲେ। ବ୍ଲକ୍‌ର ୨୨ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୬୯ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା।

# ପତରପଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମହୁଲଡିହା,୨୩।୩(ସମିସ): ଠାକୁରମୁଣ୍ଡା ବ୍ଲକ୍ ପତରପଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଚିତ୍ତରଞ୍ଜନ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ କରି ଗଢିବା କେବଳ ଶିକ୍ଷକଙ୍କ ଦାୟିତ୍ୱ ସହ ସମସ୍ତ ଅଭିଭାବକଙ୍କ ଦାୟିତ୍ୱ ବୋଲି କହିଥିଲେ। ଅଭିଭାବକ ସବୁ ଦାୟିତ୍ୱ କେବଳ ଶିକ୍ଷକ ଉପରେ ଛାଡି ଦେଇ ନିଶ୍ଚିତ ହୁଅନ୍ତୁ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡଃ ସୁମନ୍ତ ନାଏକ ଯୋଗଦେଇ ବର୍ଣ୍ଣବୋଧ ଏବେବି କିପରି ପ୍ରାସଙ୍ଗିକ ସେ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଆଦିବାସୀ ପିଲା କେମିତି ପାଠ ପଢିବା ଉଚିତ, ସେ ସମ୍ପର୍କରେ ନିଜ ଗବେଷଣା ଉଲ୍ଲେଖ କରିଥିଲେ। ମାତୃଭାଷାରେ ଶିକ୍ଷା, ଅଧିକ ପିଲା କହୁଥିବା ଭାଷାରେ ଶିକ୍ଷାଦାନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ହଜାର ହଜାର ବର୍ଷର ଆଦିବାସୀ ପରମ୍ପରା ଏବେ ସଭ୍ୟ ସମାଜ ଗ୍ରହଣ କରୁଛି ବୋଲି କହିଥିଲେ। ଗଛ, ନଦୀ, ପାହାଡ଼, ନିଆଁ, ପବନ, ଫୁଲ, ଫଳକୁ ଆଦିବାସୀ ପୂଜା କରି ଆସୁଛନ୍ତି। ସମ୍ମାନିତ ଅତିଥି ଭାବେ ବିଡିଓ ସ୍ୱପ୍ନେଶ୍ୱର ବେହେରା, ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ, କଥାକାର ପଦ୍ମଲୋଚନ ନନ୍ଦ, ପରିଚାଳନା କମିଟି ସଭାପତି ଲମ୍ବୋଦର ସିଂ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ମାଛୁଆ ହୋ ମଞ୍ଚ ପରିଚାଳନା କରିଥିବାବେଳେ ସଂଗୀତା ପେଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ।

# ମେରା ଯୁବା ଭାରତ ପକ୍ଷରୁ ଜିଲ୍ଲାସ୍ତରୀୟ ସହିଦ ଦିବସ

ବଡ଼ସାହି, ୨୩।୩(ସମିସ): ।ଲଗାଁ ମେରା ଯୁବା ଭାରତ ଓ ଫୋର୍ଡ ନଖରା ମିଳିତ ଆନୁକୂଲ୍ୟରେ ସହିଦ ଦିବସ ପାଳିତ ହୋଇଛି। ଏ ଅବସରରେ ସଫେଇ କାର୍ଯ୍ୟକ୍ରମ ସହିତ ଜୟ ରାଜଗୁରୁ, ଭଗତ୍ ସିଂ ଓ ସୁକ ଦେବଙ୍କ ପ୍ଲାକାର୍ଡ ଧରି ପଦଯାତ୍ରା କରାଯିବା ସହିତ ସଚେତନ କରାଯାଇଛି। ଏଥିରେ ଫୋର୍ଡର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା




କରିଥିଲେ। ମୁଖ୍ୟଅତିଥି ଭାବେ ସନ୍ତୋଷ କୁମାର ଦୁର୍ଗା ଅବସରପ୍ରାପ୍ତ ଜେଲ ଅଧୀକ୍ଷକ, ମୁଖ୍ୟବକ୍ତା ଭାବେ ସନ୍ତୋଷ କୁମାର ବେହେରା ପ୍ରଧାନଶିକ୍ଷକ, ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ପୁହାଣ ବିଜ୍ଞାନ ଶିକ୍ଷକ, କାଳୀଚରଣ ସିଂ ପୂର୍ବତନ ସରପଞ୍ଚ ଓ ଚୈତନ୍ୟ ପ୍ରସାଦ ସିଂ ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ ଯୋଗ ଦେଇଥିଲେ। ଦେଶ ପାଇଁ କାମ କରି ଅନେକ ମହାପୁରୁଷମାନେ ସହିଦ ହୋଇଯାଇଥିଲେ, ସେଥିମଧ୍ୟରୁ ଜୟ ରାଜଗୁରୁ, ଭଗତ୍ ସିଂ ଓ ସୁକ ଦେବଙ୍କ ଇଂରେଜ ବିରୁଦ୍ଧରେ ସାହସିକତାର କାର୍ଯ୍ୟାବଳୀ ପାଇଁ ସହୀଦ ହୋଇଯାଇଥିଲେ। ବୀର ମହାପୁରୁଷଙ୍କର କାର୍ଯ୍ୟାବଳୀ ଆଲୋଚନା କଲେ ଯୁବ ପିଢୀ ସମାଜ ପାଇଁ ପ୍ରେରଣା ଦାୟୀ ହୋଇ ପାରିବେ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ ,ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନର ଯୁବକ ଯୁବତୀ ତଥା ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ହିତେଶ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

● ଅଷ୍ଟମ ଶ୍ରେଣୀ ଛାତ୍ରୀ ହତ୍ୟା ଘଟଣା

# ସିନ ରି-କ୍ରିଏସନ କଲା ଅଭିଯୁକ୍ତ

କରଞ୍ଜିଆ,୨୩।୩(ସମିସ): କରଞ୍ଜିଆ ଥାନା ଅଞ୍ଚଳରେ ଘଟିଥିବା ଅଷ୍ଟମ ଶ୍ରେଣୀ ଛାତ୍ରୀ ହତ୍ୟା ଘଟଣାରେ ପୁଲିସ ଅଭିଯୁକ୍ତକୁ ଧରି ସିନ ରି-କ୍ରିଏସନ କରିଛି। ଅଭିଯୁକ୍ତ ଟ୍ୟୁସନ ମାଷ୍ଟର ତ୍ରିଲୋଚନ ମହାକୁଡ ଘଟଣାସ୍ଥଳରେ କିପରି ହତ୍ୟାକାଣ୍ଡ ଭିଆଇଥିଲା ତାହା ଦର୍ଶାଇଛି। ମୃତ ନାବାଳିକାକୁ



ସାଙ୍ଗରେ ନେଇ ହତ୍ୟା କରିବା ସମୟରେ ବ୍ୟବହାର କରିଥିବା ବେଲ୍ଟକୁ ପୁଲିସ ଜବତ କରିଛି। ଏପରିକି ସମ୍ପୂର୍ଣ୍ଣ ଘଟଣା ବାବଦରେ ତ୍ରିଲୋଚନ ଜଣାଇଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବାବେଳେ ମୃତ ନାବାଳିକାକୁ ପରିବାର ଲୋକେ ସତ୍କାର କରିଛନ୍ତି।

# ୩ କାଠ ଚୋରଙ୍କୁ ୬ ମାସ ଜେଲ୍

ଉଦଳା, ୨୩।୩(ସମିସ): ବେଆଇନ ଭାବେ ସଂରକ୍ଷିତ ଜଙ୍ଗଲରୁ କାଠ ଚାଲାଣ କରିବା ଅଭିଯୋଗରେ ତିନିଜଣ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି ଉଦଳା ଏସଡିଜେଏମ୍ କୋର୍ଟ। ୨୦୧୪ ଅଗଷ୍ଟ ୩୦ ଅପରାହ୍ନ ସମୟରେ ଉଦଳା ଥାନା ଅନ୍ତର୍ଗତ ସିଙ୍ଗୁସାହି ଗ୍ରାମର ଲକ୍ଷ୍ମଣ ମୁର୍ମୁ (୩୯), କରନ ମାର୍ଣ୍ଡି (୬୧) ଓ କାଠୁଆବେଡା ଗ୍ରାମର ମଙ୍ଗଳ ଟୁଡୁ (୩୬) କାଠଗଣ୍ଡି ବୋହି ଆସୁଥିବାବେଳେ ଉଦଳା ବନ ବିଭାଗ ହାତରେ ଧରାଥିଲେ। ପଚରାଉଚରା ସମୟରେ ସେମାନେ ପୂର୍ବରୁ ମଧ୍ୟ ଏଭଳି କାଠ କାଟି ଚାଲାଣ କରିବା ସହିତ ଗାଁ ପୋଖରୀ ଭିତରେ କିଛି କାଠ ଗଣ୍ଡି ଲୁଚାଇ ରଖିଥିବା ମାନିଥିଲେ। ଏହାପରେ ପୋଖରୀରୁ ୨୦ଟି କାଠ ଗଣ୍ଡି ଉଦ୍ଧାର କରାଯାଇଥିଲା। ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଆଜି ଉଦଳା ଏସଡିଜେଏମ୍ ଅନୁରାଗ ଦେହୁରୀ ତିନି ଅଭିଯୁକ୍ତଙ୍କୁ ୬ ମାସ କାରା ଦଣ୍ଡାଦେଶ ସହିତ ୧୦୦୦ ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ମାସ ଜେଲ୍ ଦଣ୍ଡ ରାୟ ଶୁଣାଇଛନ୍ତି।

# ହତ୍ୟା ଧମକ ଘଟଣାରେ ୨ ଯୁବକ ଗିରଫ

ହାଟଡ଼ିହୀ,୨୩।୩(ସମିସ): ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ ହତ୍ୟା ଧମକ୍ ଘଟଣାରେ ୨ଜଣ ଯୁବକଙ୍କୁ ଗିରଫ କରିଛି ନନ୍ଦିପଦା ପୁଲିସ। ହ୍ୱାଟ୍ସଅପ୍ ଜରିଆରେ ଯୁବକଙ୍କ ଠାରୁ ଶ୍ରୀ ଜେନାଙ୍କୁ ମିଳିଥିଲା ହତ୍ୟା ଧମକ। ଏ ନେଇ ଶ୍ରୀ ଜେନା ୯ ତାରିଖ ଦିନ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏହି ଘଟଣାକୁ ଗୁରୁତର ସହ ନେବା ପରେ ଆନନ୍ଦପୁର



ଏସ୍‌ଡ଼ିପିଓ କମଲ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇ ଚଢ଼ଉ ଜାରି ରହିଥିଲା। ଗତକାଲି ବିଳମ୍ବିତ ରାତିରେ ନନ୍ଦିପଦା ପୁଲିସ ଯାଜପୁର ପୁଲିସ ସହାୟତରେ ମଙ୍ଗଳପୁର ପଞ୍ଚାୟତ ନୂଆଗାଁରେ ଅତର୍କିତ ଚଢ଼ଉ କରି ମାନଗୋବିନ୍ଦ ବାରିକଙ୍କ ୨୭ବର୍ଷୀୟ ପୁଅ ହରମୋହନ ବାରିକ ଏବଂ ଅନ୍ୟଜଣେ ସୁବାସ ନଟିଆଙ୍କ ୨୯ବର୍ଷୀୟ ପୁଅ ରାକେଶ ନଟିଆଙ୍କୁ ଉଠାଇ ଆଣିଛି। ଖବର ଲେଖିବା ଯାଏଁ, ଘଟଣାକୁ ନେଇ ଆନନ୍ଦପୁର ଏସ୍‌ଡ଼ିପିଓ ଓ ନନ୍ଦିପଦା ପୁଲିସ ତଦନ୍ତ ଜାରି ରଖିଛନ୍ତି। ତେବେ, ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ସମ୍ପୃକ୍ତ ଏହି ଦୁଇ ଯୁବକଙ୍କୁ ପୁଲିସ କୋର୍ଟ ଚାଲାଣ କରିବ ବୋଲି ଜଣାପଡ଼ିଛି।

ୟୁଜିସି ଆଇନକୁ କଡ଼ାକଡ଼ି ଲାଗୁ କରିବା ଦାବି

# ଭାରତ ମୁକ୍ତିମୋର୍ଚ୍ଚାର ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ

ବାରିପଦା,୨୩।୩(ସମିସ):

ସୋମବାର ୟୁଜିସି ଆଇନକୁ କଡାକଡି ଭାବେ ଲାଗୁ କରିବା ଦାବିରେ ଭାରତ ମୁକ୍ତିମୋର୍ଚ୍ଚାର ବାରିପଦାରେ ଶୋଭାଯାତ୍ରା ସହିତ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତ ମୁକ୍ତିମୋର୍ଚ୍ଚା ଓ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ତତ୍ତ୍ୱାବଧାନରେ ବହୁଜନ କ୍ରାନ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା, ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ ମୋର୍ଚ୍ଚା, ମୟୂରଭଞ୍ଜ ମିଶନ ନେଟୱାର୍କ, ଭାରତ ଜାକତ ମାଝୀ ପାର୍ଗାନା ମୋହଲ, ମୁଣ୍ଡାରି ସମାଜ ସାଂୱାର ଜାମଡ଼ାର ଓ ବହୁଜନ ମୁକ୍ତି ପାର୍ଟିର ମିଳିତ ଆନୁକୂଲ୍ୟରେ ଏସସି, ଏସଟି ଓ ଓବିସିଙ୍କ ସମର୍ଥନରେ ଏକ କଠୋର ୟୁଜିସି ଆଇନ୍ ପ୍ରଣୟନ କରି କଡାକଡି ଭାବେ କାର୍ଯ୍ୟକାରୀ କରିବା ଓ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)ରୁ ୨୦୧୧ ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କୁ ମୁକ୍ତ କରିବା ସମର୍ଥନ, ଜାତିଭିତ୍ତିକ ଜନଗଣନା, ଓବିସିଙ୍କ ଜାତିଭିତ୍ତିକ ଜନଗଣନା ପ୍ରସଙ୍ଗରେ ଓବିସିଙ୍କ ପ୍ରତି ବିଜେପି ଦ୍ୱାରା କରାଯାଉଥିବା ପ୍ରତାରଣା ବିରୁଦ୍ଧରେ ତଥା ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନର ବ୍ୟବସ୍ଥା ନ କରି ଆଦିବାସୀଙ୍କୁ ବିକାଶ ନାମରେ ଜଳ, ଜଙ୍ଗଲ, ଜମି ଓ ବାସସ୍ଥାନରୁ ଉଚ୍ଛେଦ କରିବା ବିରୁଦ୍ଧରେ, ଧର୍ମ ନାମରେ ଧାର୍ମିକ ସଂଖ୍ୟାଲଘୁଙ୍କ ପ୍ରତି କରାଯାଉଥିବା ଭେଦଭାବ ଏବଂ ଅତ୍ୟାଚାର ବିରୁଦ୍ଧରେ, ଦୀର୍ଘଦିନରୁ ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ବସବାସ କରି ରହିଆସୁଥିବା ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ଓ ଉପଯୁକ୍ତ ଥଇଥାନର ବ୍ୟବସ୍ଥା



ନ କରି ବାସଚ୍ୟୁତ କରିବା ବିରୁଦ୍ଧରେ ଦେଶବ୍ୟାପୀ ପର୍ଯ୍ୟାୟବଦ୍ଧ ଆନ୍ଦୋଳନର ତୃତୀୟ ପର୍ଯ୍ୟାୟର ଅଂଶ ସ୍ୱରୂପ ଭାରତ ମୁକ୍ତିମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରୀ ସଭାପତି କାମେଶ୍ୱର ହେମ୍ବ୍ରମଙ୍କ ନେତୃତ୍ୱରେ ବାରିପଦାସ୍ଥ ଛଉପଡିଆରୁ ସହସ୍ରାଧିକ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଶାସନ-ପ୍ରଶାସନ ଓ ସରକାରଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପରେ ୯ ଦଫା ସମ୍ବଳିତ ଏକ ସ୍ମାରକପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ।

ସଂଗଠନର ନେତୃତ୍ୱ ଓ ଆନ୍ଦୋଳନକାରୀଙ୍କ ପକ୍ଷରୁ ରାଷ୍ଟ୍ରପତି ଓ ଭାରତ ସରକାରଙ୍କୁ ବିନମ୍ର ନିବେଦନ କରାଯାଇଛି ଯେ, ସ୍ମାରକପତ୍ରରେ ଉଲ୍ଲେଖିତ ଦାବି ଉପରେ ଶୀଘ୍ର ଓ ସକାରାତ୍ମକ ନିଷ୍ପତ୍ତି ନିଆଯାଉ। ଯଦି ଉପରୋକ୍ତ ଦାବି ଉପରେ ଶୀଘ୍ର ନିଷ୍ପତ୍ତି ନିଆ ନ ଯାଏ ତେବେ ଭାରତ ମୁକ୍ତିମୋର୍ଚ୍ଚା ଓ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ଦ୍ୱାରା ସାମ୍ବିଧାନିକ ଓ ଶାନ୍ତିପୂର୍ଣ୍ଣ ଉପାୟରେ ଏହି ରାଷ୍ଟ୍ରବ୍ୟାପୀ ଜନଆନ୍ଦୋଳନକୁ ଆହୁରି ଅଧିକ ତୀବ୍ର ଓ ବ୍ୟାପକ କରାଯିବା ସହିତ ଭାରତ ବନ୍ଦ କରାଯିବ। ଏଥିପାଇଁ ଭାରତ ସରକାର ଓ ଶାସନ-ପ୍ରଶାସନ ଦାୟୀ ରହିବେ। ଏହି ବିଶାଳ ରାଲିରେ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ରାଜ୍ୟ ସଭାପତି ବାଇଧର ସିଂହ, ଜିଲ୍ଲା ସଭାପତି ବୈଦ୍ୟନାଥ ସିଂହ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ମାର୍ଣ୍ଡି, ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ ମୋର୍ଚ୍ଚାର ଜିଲ୍ଲା ସଭାପତି ଜାକବ ସୋରେନ, ବହୁଜନ ମୁକ୍ତି ପାର୍ଟି ମହିଳା ପ୍ରକୋଷ୍ଠର ରାଜ୍ୟ ସଂଯୋଜିକା ଶାନ୍ତିଲତା ଚାତାର, ମୁଣ୍ଡାରି ସମାଜ ସାଂୱାର ଜାମଡ଼ାର ସଭାପତି ନନ୍ଦଲାଲ ସିଂହ, ଭାରତ ଜାକତ ମାଝୀ ପାର୍ଗାନା ମୋହଲ ରାଜ୍ୟ ସଭାପତି ବାଳକରାମ ବାସ୍କେ, ଭାରତ ମୁକ୍ତିମୋର୍ଚ୍ଚା ମହିଳା ସଂଘର ଜିଲ୍ଲା ସଭାନେତ୍ରୀ ଶିବାନୀ ସୋରେନ, ସୀମନ୍ତ ସୋରେନ, ସିଙ୍ଗରାୟ ବେଶ୍ରା, କାପୁରା ଟୁଡୁ, ବିଶ୍ୱନାଥ ଟୁଡୁ, ସୁକୁରାମ ସିଂହ, ଏମଏନ ଟିଭି ବାଲେଶ୍ୱର ପ୍ରତିନିଧି, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ରାଜ୍ୟ ମିଡିଆ ପ୍ରଭାରୀ ଗୌତମ ସିଂହ ପ୍ରମୁଖ ଯୋଗ ଦେଇଥିଲେ।

### କୀଟନାଶକ ଦୋକାନରେ ପ୍ରେରଣା ପାଇଥିଲେ ସୂର୍ଯ୍ୟା

# ଇଞ୍ଜିନିୟରିଂ ପେଶା ଛାଡ଼ି ଏବେ ସଫଳ ଚାଷୀ

କୁଳିଅଣା, ୨୧।୩(ସମିସ): ଚାଷ କାମ ଯାହାର କି ଆନନ୍ଦ ତାହାର ଉକ୍ତିକୁ ସଫଳ ପ୍ରତିପାଦିତ କରିଦେଖାଇଛନ୍ତି ସଫଳ ଯୁବ ଚାଷୀ। ସମୟ ବଦଳିବା ସହିତ ଚାଷ ପ୍ରଣାଳୀ ମଧ୍ୟ ବଦଳିଛି। ଶିକ୍ଷିତ ଯୁବକ ଚାଷ ପ୍ରତି ଆଗଭର ହେବା ସମାଜ ପାଇଁ ଶୁଭ ସଂକେତ। ଫଳରେ ଚାଷ ଏବେ ନୂତନ ଜ୍ଞାନକୌଶଳ ପ୍ରୟୋଗ, ନୂତନ ପଦ୍ଧତିରେ ଚାଷ ହେଉଛି। ନୂତନ କିସମର ତରଭୁଜ ବିହନ ଚାଷ କରି ଆଦିବାସୀ ଇଞ୍ଜିନିୟରିଂ ଯୁବକ ହୋଇ ପାରିଛନ୍ତି ସ୍ୱାବଲମ୍ବୀ ଓ ଅଞ୍ଚଳର ତରଭୁଜ ଚାଷୀମ କ୍ଷେତ୍ର ପରିଦର୍ଶନର ଅନୁଭୂତି ନେଉଛନ୍ତି। କୁଳିଅଣା ବ୍ଲକ ଅନ୍ତର୍ଗତ କେଉଁଟୁଣୀମାରୀ ପଞ୍ଚାୟତ ପଣ୍ଡାଶୋଳ ଗ୍ରାମର ସ୍ୱର୍ଗତ ପରେଶ ମାର୍ଣ୍ଡିଙ୍କ ପୁତ୍ର ସୂର୍ଯ୍ୟା ମାର୍ଣ୍ଡିଙ୍କ କ୍ଷେତରେ ଏହା ଦେଖିବାକୁ ମିଳିଛି।



ସୂର୍ସ୍ୟାଙ୍କୁ ବୟସ ୩୧ ବର୍ଷ। ଶିକ୍ଷାଗତ ଯୋଗ୍ୟତା ଡିପ୍ଲୋମା ଇଲେକ୍ଟ୍ରିକାଲ ମେକାନିକାଲ। ପାଠପଢ଼ା ଶେଷ ପରେ ଚାକିରି ନ ପାଇବାରୁ ବାପାଙ୍କୁ ଚାଷ କାମରେ ସାହାଯ୍ୟ କଲେ। ବାପାଙ୍କ ଦେହାନ୍ତ ପରେ ପରିବାରର ବୋଝ ତାଙ୍କ ଉପରେ ପଡ଼ିଲା। ଫଳରେ ସେ ଚାଷ କାମରେ ମନୋନିବେଶ କଲେ। ବାରିପଦାର ଅମରନାଥ ପ୍ରସାଦ ଶାହା ଦୋକାନକୁ ଦିନେ କୀଟନାଶକ ପାଇଁ ଯାଇଥିବାବେଳେ ଉନ୍ନତ ବିଦେଶୀ ତରଭୁଜ ଚାଷ ବାବଦରେ ଜାଣିବା ପରେ ସେ କ୍ଷେତ୍ର ପରିଦର୍ଶନ ପାଇଁ ମୋରଡା ବ୍ଲକର ଦାନ୍ତିଆମୁହାଁକୁ ଯିବା ପରେ ଆଗ୍ରହ ପ୍ରକାଶ କରି ଏ ବର୍ଷ ୩ ଏକର ଜମିରେ ବିଭିନ୍ନ କିସମର ତରଭୁଜ ଚାଷ ଆରମ୍ଭ କରିଛନ୍ତି। ତାହା ମଧ୍ୟରେ ରହିଛି ବିଶାଲ, ଆରୋହୀ, ସରସ୍ୱତୀ, ନବକିରଣ ପ୍ରଜାତିର ତରଭୁଜ ଓ ଖରବୁଜ। ବିଭିନ୍ନ ପ୍ରଜାତିର ତରଭୁଜ ବାବଦରେ ସୂର୍ଯ୍ୟା କହନ୍ତି, ବିଶାଲ ଏକ ନୂତନ ପ୍ରଜାତିର ତରଭୁଜ। ଅତ୍ୟନ୍ତ ସୁସ୍ୱାଦ। ଯାହାର ଉପର ରଙ୍ଗ ହଳଦିଆ, ପାଚିଲେ ଭିତର ରଙ୍ଗ ନାଲି। ଏହାର ଓଜନ ୨.୫୦୦ରୁ ୪ କେଜି ମଧ୍ୟରେ ହୋଇଥାଏ। ସେହିପରି ଆରୋହୀ' ପ୍ରଜାତିର ତରଭୁଜ ଏହାର ଉପର ରଙ୍ଗ କଳା। ପାଚିଲା ପରେ ଭିତରେ ହଳଦିଆ ରଙ୍ଗ। ଏହା ମଧ୍ୟ ଅତ୍ୟନ୍ତ ସ୍ୱାଦ। ଏହାର ଓଜନ ସାଧାରଣତଃ ୨ରୁ ୪ କେଜି ମଧ୍ୟରେ ହୋଇଥାଏ। ସରସ୍ୱତୀ ପ୍ରଜାତିର ତରଭୁଜ ଉପର ରଙ୍ଗ ହାଲୁକା ସବୁଜ ହୋଇଥିବାବେଳେ ପାଚିଲା ପରେ ଭିତରେ ନାଲି ହୋଇଥାଏ। ଏହାର ଓଜନ ୩ରୁ ୫ କେଜି ମଧ୍ୟରେ ହୋଇଥାଏ। ଉପର ଚପା ମୋଟା ହୋଇଥିବାରୁ କୁଆ ପଥର ମାଡ଼ ନଷ୍ଟ କରିପାରେନାହିଁ।

ଅପରପକ୍ଷରେ ତରଭୁଜ ଫସଲକୁ ରୋଗ ପୋକ ଦାଉରୁ ବଞ୍ଚାଇବା ପାଇଁ 'ଷ୍ଟିକ' ୧୫ରୁ ୨୦ ଫୁଟର ବ୍ୟବଧାନରେ ହଳଦିଆ ଓ ନୀଳ ଷ୍ଟିକର ବ୍ୟବହାର କରାଯାଇଛି। ଯଦ୍ୱାରା ଫସଲକୁ ବିନ୍ଧିବା ପାଇଁ ଆସୁଥିବା ଧଳା ରଙ୍ଗର ପୋକ ଷ୍ଟିକ୍ ପ୍ରତି ଆକୃଷ୍ଟ ହୋଇ ତାହା ଦେହରେ ଲାଗି ମରିଯା'ନ୍ତି। ସେହିପରି 'ନୂର' ଏହା ଏକ ଟେବ୍ଲେଟ ସଦୃଶ୍ୟ। ଏହାର କାମ ଫସଲ ମଧ୍ୟକୁ ଆସୁଥିବା କଳା କୀଟକୁ ନିଜ ଆଡ଼କୁ ଆକୃଷ୍ଟ କରେ, ସ୍ପର୍ଶରେ ଆସିଲେ କୀଟ ପତଙ୍ଗ ମରିଯାଏ। କୃଷି ବିଭାଗ ପକ୍ଷରୁ ଚାଷ ସମ୍ବନ୍ଧୀୟ ପରାମର୍ଶକୁ ମାନି ସୂର୍ଯ୍ୟା ପ୍ରଥମ ବର୍ଷରେ ସଫଳତା ପାଇଥିବାରୁ ଆଗକୁ ଅନେକ ଚାଷୀ ତରଭୁଜ ଚାଷ ପାଇଁ ଆଗ୍ରହ ପ୍ରକାଶ କରୁଥିବା ଜଣାପଡ଼ିଛି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ରାଇରଙ୍ଗପୁର, ୨୩।୩(ସମିସ): ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବହଳଦା ଥାନା ଅନ୍ତର୍ଗତ ବାନାଡୁଙ୍ଗୁରି ଗ୍ରାମର ଜଗନ୍ନାଥ ମହାନ୍ତ (୨୪)। ସେ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଏକ ଟ୍ରକ ତାଙ୍କ ବାଇକ୍‌କୁ ପଛ ପଟୁ ଧକ୍କା ଦେଇଥିଲା।। ସେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ରାଇରଙ୍ଗପୁର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବହଳଦା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା ଧମକ

ରାଇରଙ୍ଗପୁର, ୨୩।୩(ସମିସ): ଆଜିର ଆଧୁନିକ ସମାଜରେ ଲୋକଙ୍କ ମଧ୍ୟରୁ ଡାହାଣୀ ଭଳି କୁତ୍ସିତ ପ୍ରଥା ସମାପ୍ତ ହେଉନାହିଁ। ଜଣେ ମହିଳାଙ୍କୁ ଡାହାଣୀ ବୋଲି ସଜାଇ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ ହୋଇଛି। ଯାହାକୁ ନେଇ ତିରିଂ ଥାନା ଅଞ୍ଚଳର ରାଣୀସାହି ଗ୍ରାମର କୁନ୍ତଳା ମହାନ୍ତ ଥାନାର ଦ୍ୱାରସ୍ଥ ହେଇଛନ୍ତି। ଉକ୍ତ ଗ୍ରାମରେ ଅନେକ ଦିନ ହେବ ବସବାସ କରିଆସୁଛନ୍ତି। ତେବେ ଉକ୍ତ ଗ୍ରାମର ଲୋକେ ଡାହାଣୀ ସନ୍ଦେହରେ ହତ୍ୟା ଉଦ୍ୟମ କରିଥିଲେ। ସେମାନଙ୍କ ନିକଟରୁ କୌଣସି ମତେ ଖସିଆସି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଉତ୍କଳ ଦିବସ ପ୍ରସ୍ତୁତି ବୈଠକ

ବେତନଟୀ, ୨୩।୩(ସମିସ): ଆଗାମୀ ଅପ୍ରେଲ ୧ ତାରିଖ ସ୍ୱତନ୍ତ୍ର ଉତ୍କଳ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ୱପ୍ନର ଅଖଣ୍ଡ ଓଡ଼ିଶା ଗଠନ ଓ ପାରଳା ମହାରାଜା କୃଷ୍ଣଚନ୍ଦ୍ରଙ୍କ ସହ ମୟୂରଭଞ୍ଜର ପ୍ରାତଃ ସ୍ମରଣୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନକୁ ସ୍ମରଣ କରିବାର ଦିବସ ପାଳନ କରାଯିବାକୁ ଏହି ବୈଠକ ଆୟୋଜିତ ହୋଇଛି। ସ୍ଥାନୀୟ ଧର୍ମଶାଳାରେ ୧ ତାରିଖ ଅପରାହ୍ନରେ ଏକ ସମାବେଶ କରି ସ୍ୱତନ୍ତ୍ର ଉତ୍କଳ ଜନନୀର ଗୁଣଗାନ ନିମନ୍ତେ ବ୍ୟବସ୍ଥା କରିଛି ମୟୂର ସାହିତ୍ୟ ସଂସଦ। ଏଥିରେ ସ୍ଥାନୀୟ ସିଭିଲ ସୋସାଇଟି, କବି ସଙ୍ଗମ, କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ବରିଷ୍ଠ ସାମ୍ବାଦିକ, ଶିକ୍ଷାବିତ ଓ ବୁଦ୍ଧିଜୀବୀ ସାମିଲ ହେବାକୁ ସମ୍ମତି ଜଣାଇଥିବା ସଂସଦର କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାନ୍ତି ଓ ସମ୍ପାଦକ ଯତୀନ୍ଦ୍ରନାଥ ସାହୁ ସୂଚନା ଦେଇଛନ୍ତି।

## ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ କବିତା ଦିବସ




ବାରିପଦା, ୨୩।୩(ସମିସ): ବିଶ୍ୱ କବିତା ଦିବସ ଅବସରରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ସମ୍ମିଳନୀ କକ୍ଷରେ କବିତା ସଭା ଆୟୋଜିତ ହୋଇଛି। ସମ୍ପାଦକ ମନୋଜ ଦଳବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲ୍ଲାର ବରିଷ୍ଠ ଓ ଯୁବ କବି ଯୋଗ ଦେଇଥିଲେ। ପୂର୍ବତନ ସଭାପତି ଅଜିତ କବାଟ, ଉପସଭାପତି ଜୟନ୍ତ ଦ୍ୱାରୀ, କାବେରୀ ମିଶ୍ର, ବରିଷ୍ଠ କବି ନରସିଂହ ବାରିକ, କୋଷାଧ୍ୟକ୍ଷ ସମରେନ୍ଦ୍ର ବସା ଉପସ୍ଥିତ ଥିଲେ। ବିଶ୍ୱ କବିତା ଦିବସର ମୂଳ ଉଦ୍ଦେଶ୍ୟ କବିତା ମାଧ୍ୟମରେ ଭାଷା, ସଂସ୍କୃତି ଓ ମାନବୀୟ ଭାବନାକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା। କବିତା ମାନବ ମନର ଗଭୀର ଅନୁଭୂତିକୁ ସରଳ ଓ ସୁନ୍ଦର ଭାବେ ପ୍ରକାଶ କରିଥାଏ, ଯାହା ସମାଜକୁ ସଚେତନ ଓ ସମ୍ବେଦନଶୀଳ କରେ। ଏହି ଦିନ ନୂତନ କବିଙ୍କୁ ଆଗକୁ ଆସିବା ପାଇଁ ପ୍ରେରଣା ମିଳେ ଓ ସାହିତ୍ୟ ପ୍ରତି ରୁଚି ବୃଦ୍ଧି ପାଏ। ଏ ଅବସରରେ କବିମାନେ 'ପ୍ରେମ' ଶୀର୍ଷକରେ ନିଜ ନିଜ କବିତା ପାଠ କରିଥିଲେ। ପ୍ରେମର ବିଭିନ୍ନ ଆୟାମମାନବ ପ୍ରେମ, ପ୍ରକୃତି ପ୍ରେମ, ଦେଶପ୍ରେମ ଓ ମାନବତା କବିତା ମାଧ୍ୟମରେ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରକାଶ ପାଇଥିଲା। କେତେକ ଅଭିଭାଷକ କବିତାର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ, ଆଧୁନିକ ଯୁଗରେ ଯେତେବେଳେ ମଣିଷ ଯାନ୍ତ୍ରିକ ଜୀବନରେ ବ୍ୟସ୍ତ, ସେତେବେଳେ କବିତା ମଣିଷକୁ ମନୋବୈଜ୍ଞାନିକ ଶାନ୍ତି ଓ ଆନିକ ସନ୍ତୋଷ ଦେଇଥାଏ। କବିତା ମାଧ୍ୟମରେ ସମାଜର ସମସ୍ୟା ଓ ସତ୍ୟକୁ ସହଜ ଭାବେ ଉପସ୍ଥାପନ କରାଯାଇପାରେ। ଶେଷରେ ପରିଷଦର କୋଷାଧ୍ୟକ୍ଷ ସମରେନ୍ଦ୍ର ବସା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କ ବିୟୋଗରେ ଶୋକ

ମୋରଡ଼ା, ୨୩।୩(ସମିସ): ମୋରଡ଼ା ବ୍ଲକ ଅଧୀନ ଚିକିଟାମାଟିଆ ପଞ୍ଚାୟତ ଅନ୍ତର୍ଗତ ଘୋଡାବନ୍ଧା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ସଞ୍ଜୀବ କୁମାର ମହାନ୍ତଙ୍କ ଶନିବାର ବିୟୋଗରେ ମୋରଡା ବ୍ଲକର ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମେଳାପୀ, ଛାତ୍ର ବତ୍ସଳ ଶିକ୍ଷକ ଥିଲେ। ୧୯ ତାରିଖ ସକାଳେ ଘର ପଛପଟେ କୌଣସି କାରଣରୁ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର ଛୋଟରାୟପୁର ବାସଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ମୋରଡା ବ୍ଲକ ଶିକ୍ଷକ ସଂଘ ସଭାପତି ରତିକାନ୍ତ ସାହୁ, ସମ୍ପାଦକ ଚନ୍ଦ୍ରମୋହନ ବେହେରା, ଏବିଇଓ ଲକ୍ଷ୍ମୀଧର ମହାନ୍ତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଣେଶ୍ୱର ମହାନ୍ତ, ଜେଏମଏମ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ହଦଗୁଠ ଗ୍ରାମରେ ଫୁଟ୍‌ବଲ ପ୍ରତିଯୋଗିତା

## ଓଡ଼ିଶା ପୁଲିସକୁ ହରାଇ ଝୁର୍କିବେଡ଼ା ଚାମ୍ପିଅନ୍



ଶରତ, ୨୩।୩(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଲାବଣ୍ୟଦେଇପୁର ପଞ୍ଚାୟତର ଏସେଲ ବେରେଲ ଯୁବକ ସଙ୍ଘ ଆନୁକୂଲ୍ୟରେ ଅଷ୍ଟମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୩୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଝୁର୍କିବେଡ଼ା କେନ୍ଦୁଝର ଓ ଓଡ଼ିଶା ପୋଲିସ ଠାକୁରମୁଣ୍ଡା ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ଖେଳରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ପେନାଲ୍ଟି ମାଧ୍ୟମରେ ଜୁର୍କିବେଡ଼ା ୩-୧ ଗୋଲରେ ଓଡ଼ିଶା ପୁଲିସକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ତୃତୀୟ ପୁରସ୍କାର ଲିସା ଏଣ୍ଡ ଲିସା ଫୁଟବଲ ଟିମ ଅଶକୋଟି, ଚତୁର୍ଥ ପୁରସ୍କାର ରଙ୍ଗାମାଟିଆ ଫୁଟବଲ ଟିମକୁ ପୁରସ୍କୃତ କରାଯାଇଥିଲା।

ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁର, ସମ୍ମାନିତ ଅତିଥି ଭାବେ ଲାବଣ୍ୟଦେଇପୁର ସରପଞ୍ଚ ତୁରାମ ସିଂ, ଶରତ ବିକାଶ ମଞ୍ଚ ସଭାପତି ଗାମାୟ ରାମିଲ ସିଂ ଗୋଇପାଇ, ପୂର୍ବତନ ବ୍ଲକ ଚେୟାରମ୍ୟାନ ସଙ୍ଗା ପାଳିଆ, ଶରତ ବିଜେପି ମଣ୍ଡଳ ସମ୍ପାଦକ ଲାଦୁରା ସିଂ ହାଇବ୍ରୁରୁ, ଶରତ ବିଜେପି ମଣ୍ଡଳ ସଭାପତି ମଥୁରୀ ସାମାଡ, ରାଜେଶ ମୁଣ୍ଡୁରୀ, ସମାଜସେବୀ କାଟେ ସିଂ ଖୁଣ୍ଟିଆ, ବାଗୁନ ସିଂ ଜାରିକା, ଗଣେଶ ସିଂ ଜାରିକା ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରଜତ ତିରିଆ ଓ ଦିପୁ ସୋରେନ ଭାଷ୍ୟକାର ଥିବାବେଳେ କେଦାର କାଲୁଣ୍ଡିଆ, କେଶବ ସୋରେନ, ମାଙ୍ଗତା ପୂର୍ତ୍ତି, ଜୟନ୍ତୀ ତିରିଆ, ବିଜୁ ମାଝୀ, ଅମ୍ବିକା ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ବିଧାୟକ ଶ୍ରୀ ହାଇବ୍ରୁରୁ ନିଜସ୍ୱ ପାଣ୍ଠିରୁ ହଦଗୁଠ ଫୁଟବଲ ପଡ଼ିଆର ଉନ୍ନତିକରଣ ପାଇଁ ପାଞ୍ଚ ଲକ୍ଷ ଟଙ୍କାର ସାହାଯ୍ୟ ଦେବାକୁ ଘୋଷଣା କରିବା ସହ ଦୁଇଟି ନଳକୂପ ଓ କମିଟି ଗୃହ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି।

## ଆନନ୍ଦ ମାର୍ଗ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ



ଶୁକ୍ରୁଳି, ୨୩।୩(ସମିସ): ଶୁକ୍ରୁଳିସ୍ଥ ଆନନ୍ଦ ମାର୍ଗ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶୁକ୍ରୁଳି ଶିକ୍ଷା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ଆଚାର୍ଯ୍ୟ ଭବମୃଥାନନ୍ଦ ଅବଧୂତ ସମ୍ମାନିତ ଅତିଥି, ଖିଚିଂ ଏସବିଆଇ ଶାଖା ମ୍ୟାନେଜର ମାଳତୀ ମୁର୍ମୁ, ଶୁକ୍ରୁଳି ପଞ୍ଚାୟତ ସମିତି ଉଚ୍ଚ ବାଳିକା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କ୍ଷୀରମଣି ମହାନ୍ତ ମୁଖ୍ୟବକ୍ତା, ଖିଚିଂ ପଞ୍ଚାୟତ ସରପଞ୍ଚ ଅଙ୍କିତା ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରୋତ୍ତମ ମହାନ୍ତ, ବିଦ୍ୟାଳୟର ପ୍ରତିଷ୍ଠାତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାତ ବିଶ୍ୱାଳ ଓ ସୁରେଶ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷା ଗାୟତ୍ରୀ ପ୍ରସାଦ ଷଡଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର କୁନି କୁନି ପିଲା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଚଳିତ ବର୍ଷ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବାସୁଦେବ ଦାସଙ୍କ ପିତାମାତାଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଦେବେନ୍ଦ୍ର ପାତ୍ର, ରୋହିତ ଭୋଇ, ଟୁଏଲଭ ବେହେରା, ବାପି ମହାକୁଡ଼, ଶିକ୍ଷୟିତ୍ରୀ ସଞ୍ଜିତା ମିଶ୍ର, ବିଶାଖା ସାହୁ, ପୂଜା ପାତ୍ର, ରଜନୀଗନ୍ଧା ଷଡଙ୍ଗୀ ଓ ସୁନୀତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟ ଶିକ୍ଷକ ବାସୁଦେବ ବରାଳଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜିଲ୍ଲାସ୍ତରୀୟ ପାଲା ସମ୍ମିଳନୀ ଉଦ୍‌ଯାପିତ



ଖିଚିଂ, ୨୩।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଆଧ୍ୟାତ୍ମିକ ପୀଠ ଖିଚିଂ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଦ୍ୱିଦିବସୀୟ ଜିଲ୍ଲାସ୍ତରୀୟ ପାଲା ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ତଥା ଜଳବାୟୁ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓ ବିଶିଷ୍ଟ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝି ଯୋଗଦେଇ ପାଲା ଏକ ପୁରାତନ ଲୋକକଳା ଓ ଏହାର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କର ସମ୍ମିଳିତ ଉଦ୍ୟମ ଏକାନ୍ତ ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲା ପାଲାକାର ସଂଘ ପକ୍ଷରୁ ଅତିଥିଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପାଲା ଦଳଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଦୁଇ ଦିନ ଧରି ଅନୁଷ୍ଠିତ ଏହି ପାଲା ସମ୍ମିଳନୀକୁ ସ୍ଥାନୀୟ ଶିବରାତ୍ରି ମେଳା କମିଟି ଓ ପାଲା ସଂଘର କର୍ମକର୍ତ୍ତା ସୁନ୍ଦର ଭାବେ ଆୟୋଜନ କରିଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି।

## ସରସ୍ୱତୀ ଶିଶୁମନ୍ଦିରରେ ହିନ୍ଦୁ ନବବର୍ଷ

ଶୁଳିଆପଦା, ୨୩।୩(ସମିସ): ଶୁଳିଆପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭଉଣୀମାନଙ୍କ ଦ୍ୱାରା ମୁଖ୍ୟ ଫାଟକ ଆଗରେ ଝୋଟି ଚିତା, ମୁରୁଜରେ ସୁସଜ୍ଜିତ କରାଯାଇଥିଲା। ସେମାନେ ଅତିଥିଙ୍କୁ ତିଳକ ଓ ପୁଷ୍ପ ଦେଇ ସ୍ୱାଗତ କରିଥିଲେ। ପ୍ରଧାନଆଚାର୍ଯ୍ୟା ରଶ୍ମିତା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଗୌରାଙ୍ଗ ଚରଣ ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକତା ସହିତ ଆମ ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ପାଇଁ କହିଥିଲେ। ସସ୍ମିତା ଗୁରୁମା ଓ ଶିକ୍ଷାର୍ଥୀ ଭାଇଭଉଣୀଙ୍କ ଦ୍ୱାରା ବନ୍ଦନା ପରିବେଷଣ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ନୀଳକଣ୍ଠ ମହାନ୍ତ ଯୋଗ ଦେଇଥିବାବେଳେ ଅନ୍ୟ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ। ସେହିପରି ଶୁଳିଆପଦା ବଜାରସ୍ଥ କିଶୋର କ୍ଲବ୍‌ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ଜିଲ୍ଲା ସହକାରୀ କାର୍ଯ୍ୟବାହ ମିଥୁନ କୁମାର ସିଙ୍କ ସଭାପତିତ୍ୱରେ ହିନ୍ଦୁ ନବବର୍ଷ ପାଳନ ହୋଇଛି। ନବବର୍ଷ ଯୁଗାବ୍ଦ ୫୧୨୮ କୁ ପ୍ରତ୍ୟେକ ସଙ୍ଘ ପରିବାରରେ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଛି। ପ୍ରତ୍ୟେକ ପରିବାରରେ ୫ଟି ଚିତା ସହିତ ଘର ସମ୍ମୁଖରେ ଆମ୍ବ ତୋରଣ ଟଙ୍ଗାଯାଇ ଧର୍ମ ଧ୍ୱଜ ଟଙ୍ଗାଯାଇଥିଲା।

## ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ଓ ଅଗ୍ନି ପ୍ରଶମନ ତାଲିମ



ବାରିପଦା, ୨୩।୩(ସମିସ):ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଡ. ପ୍ରବୋଧ କୁମାର ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାକୃତିକ ବିପର୍ଯ୍ୟୟ ଓ ଅଗ୍ନି ପ୍ରଶମନ ତାଲିମ ଆୟୋଜିତ ହୋଇଯାଇଛି। ଏଥିରେ ପଞ୍ଚମ ବାଟାଲିୟନର ଓଡ୍ରାଫ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଅରୁଣ କୁମାର ମହାନ୍ତ ଓ ତାଙ୍କ ସହଯୋଗୀ, ଅଗ୍ନିଶମ ବିଭାଗର ସହକାରୀ ଅଗ୍ନିଶମ ଅଧିକାରୀ ଗୋପୀନାଥ ନାୟକ, ତାଙ୍କ ଦଳ ସହାୟତାରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କୁ ଉଭୟ ପ୍ରାକୃତିକ ବିପର୍ଯ୍ୟୟ ଓ ଅଗ୍ନିଶମ ଆକ୍ରାନ୍ତଙ୍କୁ ସହାୟତା କରିବା ସମ୍ପର୍କରେ ଅବଗତ କରିଥିଲେ ଓ ପରବର୍ତ୍ତୀ ପର୍ଯ୍ୟାୟରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ ବେହେରା, ଜ୍ୟୋସ୍ନାରାଣୀ ଦତ୍ତ, ରେଡକ୍ରସ ଅଧିକାରୀ ସଞ୍ଜୀବ କୁମାର ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜବାହାର ବିଦ୍ୟାପୀଠ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ



ମୋରଡା, ୨୩।୩(ସମିସ): ମୋରଡା ବ୍ଲକ ଅଧୀନ ଚିତ୍ରଡାସ୍ଥ ଜବାହାର ସରକାରୀ ଉଚ୍ଚବିଦ୍ୟାଳୟର ୧୯୯୫ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସେ ସମୟରେ ଶିକ୍ଷାଦାନ କରୁଥିବା ଅବସରପ୍ରାପ୍ତ ଶିକ୍ଷକ ସୁଭାଷ ଆଚାର୍ଯ୍ୟ, ଶଶାଙ୍କଶେଖର ମଲ୍ଲିକ, ରଜନୀ ମହାନ୍ତ, ମନୋରଞ୍ଜନ ମହାନ୍ତ, ବଶିଷ୍ଠ ବେହେରା, ବର୍ତ୍ତମାନ କାର୍ଯ୍ୟରତ କରମେନ୍ଦ୍ର ମହାନ୍ତ, ଶିକ୍ଷକ ଅରୁଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଚ୍‌ର ୯୩ ଜଣଙ୍କ ମଧ୍ୟରୁ ୬୦ ଜଣ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତେ ସୁଖଦୁଃଖରେ ସାମିଲ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପୁରାତନ ଛାଦତ୍ର ଅମରେନ୍ଦ୍ର ସିଂହବାବୁ, ମାନକା ମାରାଣ୍ଡି, ସୁସେନ ବେହେରା, ଜ୍ୟୋତିପ୍ରକାଶ ଦାସ, ପ୍ରଦୀପ ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ।

### ଜନଗଣନା ପ୍ରଶିକ୍ଷଣ ଶିବିର

## ସୁପରଭାଇଜର ଓ ଗଣନାକାରୀଙ୍କୁ ତାଲିମ ପ୍ରଦାନ

ରାଇରଙ୍ଗପୁର, ୨୩।୩(ସମିସ): ଜନଗଣନା-୨୦୨୭ ନେଇ ରାଇରଙ୍ଗପୁରଠାରେ ସୁପରଭାଇଜର ଓ ଗଣନାକାରୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବିକଶିତ ଭାରତ ମୂଳଦୁଆକୁ ସୁଦୃଢ଼ ଓ ସଶକ୍ତ କରିବା ନେଇ ଜନଗଣନା କାର୍ଯ୍ୟକ୍ରମ ଏକ ଉତ୍ତମ ମାଧ୍ୟମ ଅଟେ। ଏହି କ୍ରମରେ ରାଇରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନିପୁଣତା ବୃଦ୍ଧି ନେଇ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ପାଇଁ ସୁପରଭାଇଜର ଓ ଗଣନାକାରୀଙ୍କୁ ଉପଯୁକ୍ତ ଭାବେ ପ୍ରଶିକ୍ଷିତ କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହେଉଛି। ଏହି ତାଲିମ ଶିବିର ୨୯ ତାରିଖ ପର୍ଯ୍ୟନ୍ତ ୭ଟି ବ୍ୟାଚ୍‌ରେ ଆୟୋଜିତ ହେବ। ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏପ୍ରିଲ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ହେବାକୁ ଥିବା ଗୃହ ତାଲିକା ଓ ଗୃହ ଜନଗଣନା, ଯାହାକି ଜନଗଣନା ୨୦୨୭ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଅଟେ। ଯେଉଁଥିରେ ଗୃହ ଅନୁସୂଚୀକରଣ ଓ ଗୃହ ଗଣନା କରାଯିବ। ଏପ୍ରିଲ ୨୦୨୬ରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଚୟନିତ ୩୦ ଦିନ ଅବଧି ମଧ୍ୟରେ ସମସ୍ତ ଗୃହର ବିବରଣୀ ପଞ୍ଜିକୃତ କରାଯିବା ସହିତ ଗୃହର ସ୍ଥିତି, ସୁବିଧା, ପ୍ରାଥମିକ ତଥ୍ୟ ସଂଗ୍ରହ କରାଯିବ। ଯେଉଁଥିପାଇଁ କ୍ଷେତ୍ର ପ୍ରଶିକ୍ଷକଙ୍କୁ ଉପଯୁକ୍ତ ଭାବେ ଦକ୍ଷ ବନେଇବା ଶିବିରର ଲକ୍ଷ୍ୟ ରହିଛି। ରାଇରଙ୍ଗପୁର ତହସିଲଦାର ତଥା ସେନସସ ଚାର୍ଜ ଅଧିକାରୀ ବିଶ୍ୱନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରରେ କ୍ଷେତ୍ର ପ୍ରଶିକ୍ଷକ ଭାବେ ରାଇରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟାପକ ମନୋରଞ୍ଜନ ମାର୍ଣ୍ଡି ଓ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଅଧ୍ୟାପକ ବବଲୁ କୁମ୍ଭକାର ମିଳିତ ଭାବେ କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏ ଅବସରରେ ଚାର୍ଜ ଅଫିସର ଶ୍ରୀ ବିଶ୍ୱାଳ ପ୍ରଶିକ୍ଷକଙ୍କୁ ସମ୍ବୋଧନ କରି ଜନଗଣନା କାର୍ଯ୍ୟ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଏହାର ବିଭିନ୍ନ ପ୍ରାସଙ୍ଗିକ ବିଷୟବସ୍ତୁ ଉପରେ ବିସ୍ତୃତ ମାର୍ଗଦର୍ଶନ ଦେଇଥିଲେ। ଏହି ଗଣନା କାର୍ଯ୍ୟ ସମୟରେ ସଠିକ୍ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିବା ସହ କ୍ଷେତ୍ର ପ୍ରଶିକ୍ଷକଙ୍କୁ ଦାୟିତ୍ୱର ସହିତ ନିଜର କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଅର୍ଜିତ ଜ୍ଞାନକୁ ବ୍ୟବହାର କରି କ୍ଷେତ୍ର ସ୍ତରରେ ଏନ୍ୟୁମେରେଟର୍ ଓ ସୁପରଭାଇଜରଙ୍କୁ କ୍ଷେତ୍ର ପ୍ରଶିକ୍ଷକମାନେ ସଠିକ୍ ମାର୍ଗଦର୍ଶନ ଦେବେ ବୋଲି ଶ୍ରୀ ବିଶ୍ୱାଳ ଆଶାବ୍ୟକ୍ତ କରିଥିଲେ। ପ୍ରଶିକ୍ଷଣ ସମୟରେ ଏନ୍ୟୁମେରେସନ୍ ପ୍ରକ୍ରିୟା, ଘର ତାଲିକାକରଣ ପ୍ରଣାଳୀ, କ୍ଷେତ୍ର ସ୍ତର ନିୟମାବଳୀ ଓ ସେନସସ୍ କାର୍ଯ୍ୟର ପ୍ରାୟୋଗିକ ଦିଗ ବିଷୟରେ ବିଭିନ୍ନ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ପର୍ଯ୍ୟାୟରେ ପ୍ରଥମ ଦିବସରେ ୧୪ ଜଣ ସୁପରଭାଇଜର ଓ ୮୦ ଜଣ ଗଣନାକାରୀ ତାଲିମ ଗ୍ରହଣ କରିଛନ୍ତି।



